# ରାସ୍ତା କାର୍ଯ୍ୟ ବିଳମ୍ବ ନେଇ ଅସନ୍ତୋଷ

ବ୍ରହ୍ମପୁର,୪।୮ (ସ୍ମୃତି ରଞ୍ଜନ ମହାଲିକ)


ବୈଠକରେ ଉପସ୍ଥିତ ମେୟର, ବିଧାୟକ, କମିଶନର ଓ କର୍ପୋରେଟରମାନେ ।

## ବିଏମ୍‌ସିର ସ୍ୱତନ୍ତ୍ର କାଉନସିଲ ବୈଠକ
### ବେଆଇନ କଂସେଇଖାନା ଉପରେ ହେବ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ସ୍ୱତନ୍ତ୍ର କାଉନସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କମିଶନର ଜେ. ସୋନାଲ ଓ ଅତିରିକ୍ତ କମିଶନର ତଥା ବିଡିଏ ଅଧ୍ୟକ୍ଷ ସମ୍ବିତ ରାଉତ ଉପସ୍ଥିତ ଥିଲେ । ବୈଠକରେ ସ୍ୱାୟତ୍ତ ଶାସନ ଦିବସକୁ ନେଇ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ଏହି ଦିବସ ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଏହି କମିଟିକୁ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯିବ ବୋଲି ମେୟର କହିଥିଲେ ।

କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆସ୍କାରୋଡ ରାସ୍ତା ସୁଗମ କରିବା ଓ ସହରରେ ଆଲୋକୀକରଣ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ଏଥିସହିତ ସ୍ୱାୟତ୍ତ ଶାସନ ଦିବସ ଯାଏ ସହରର ବିଭିନ୍ନ ସ୍ଥାନରେ ବେଆଇନ କଂସେଇଖାନାଗୁଡିକୁ ବନ୍ଦ କରିବାକୁ ଦାବି କରିଥିଲେ । କର୍ପୋରେଟର ଧୀରେଶ ସାବତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଏମସି ପକ୍ଷରୁ ଏଲଇଡି ମାଧ୍ୟମରେ ସହରରେ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ । ୨୨ନଂ ୱାର୍ଡ ଭାଜପା କର୍ପୋରେଟର ପ୍ରଦୀପ କୁମାର ଶତପଥୀ ୱାର୍ଡଗୁଡ଼ିକରେ ଡ୍ରେନ ସଫେଇ ପାଇଁ କମ୍ ସଂଖ୍ୟକ କର୍ମଚାରୀ ଆସୁଥିବାରୁ ସଫେଇ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରିଥିଲେ । ବିଏମସି ସାନିଟେସନ ଦାୟିତ୍ୱରେ ଥିବା ଡେପୁଟି କମିଶନର ଆର୍ଶୀବାଦ ପରିଡା କହିଥିଲେ, ପ୍ରତ୍ୟୁଷ ନାମକ ସଂସ୍ଥା ପକ୍ଷରୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି କହିଥିଲେ । କମିଶନର କହିଥିଲେ, ବିଏମସିରେ ଯେଉଁ ସଫେଇ କର୍ମଚାରୀ ଅଛନ୍ତି, ସେମାନଙ୍କୁ ହିଁ ଡ୍ରେନ ସଫା ପାଇଁ ନିୟୋଜିତ କରାଯାଇଛି । ପ୍ରତ୍ୟେକ ଦିନ କେତେଜଣ ସଫେଇ କର୍ମଚାରୀ ଆସୁଛନ୍ତି ସେ ନେଇ କର୍ପୋରେଟର ଦସ୍ତଖତ କରି ରଖିବେ ବୋଲି କମିଶନର କହିଥିଲେ । ସହରରେ ହୋର୍ଡିଂ ଟେଣ୍ଡର କେବେ ହୋଇଥିଲା । ଏହାର ସମୟ ଅବଧି ସରିଛି କି ନାହିଁ ସେ ନେଇ କର୍ପୋରେଟର ଶତପଥୀ ପ୍ରଶ୍ନ କରିଥିଲେ । ହୋର୍ଡିଂର ସମୟ ଅବଧି ଶେଷ ହୋଇଛି । ପୁଣି ଥରେ ଟେଣ୍ଡର କରାଯିବ ବୋଲି କମିଶନର କହିଥିଲେ । ସହରରେ ବିନା ଫୁଡ ଓ ଟ୍ରେଡ ଲାଇସେନ୍ସରେ ବେଆଇନ କଂସେଇଖାନା ଖୋଲା ଯାଇଛି ବୋଲି ଭାଜପା କର୍ପୋରେଟର ଅଭିଯୋଗ କରିଥିଲେ । କମିଶନର କହିଥିଲେ ଯେ, କଂସେଇ ଖାନା ପାଇଁ ଫୁଡ ଓ ଟ୍ରେଡ ଲାଇସେନ୍ସ ବାଧ୍ୟତାମୂଳକ କରାଯିବ । ଟେଣ୍ଡର ମଧ୍ୟ ଡକା ହୋଇଛି । କଂସେଇଖାନାରେ ପ୍ରାଣୀ ବିଭାଗ ପକ୍ଷରୁ ଏଲଆଇଙ୍କୁ ନିୟୋଜିତ କରାଯାଇ ଛେଳି ଗୁଡିକରେ ଷ୍ଟାମ୍ପ କରଣ କରାଯିବ । ଯାହାଦ୍ୱାରା ସହରବାସୀ ଉନ୍ନତମାନର ସାମଗ୍ରୀ ପାଇପାରିବେ । ଫୁଡ ଓ ଟ୍ରେଡ ଲାଇସେନ୍ସ ନ ଥିବା କଂସେଇଖାନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ପୌର ଅତିଥି ଭବନରେ ପଙ୍ଖା, ଚେୟାର ଓ ଏସି ବିଭିନ୍ନ ପୁରୁଣା ସାମଗ୍ରୀ ନ ଥିବା ନେଇ ଭାଜପା କର୍ପୋରେଟର ଅଭିଯୋଗ କରିଥିଲେ । କମିଶନର କହିଥିଲେ, ୨୦୨୦ରେ ବିଏମସି ପକ୍ଷରୁ ପୌର ଅତିଥି ଭବନ ଘରୋଇ ସଂସ୍ଥାକୁ ଟେଣ୍ଡର ଜରିଆରେ ହସ୍ତାନ୍ତର କରାଯାଇଥିଲା । ଏହାପରଠାରୁ କେଉଁ ସାମଗ୍ରୀ ଅଛି କି ନାହିଁ ତାହାର ସବିଶେଷ ତଥ୍ୟ ଜଣାଇବା ପାଇଁ କମିଶନର ଡେପୁଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତତସହିତ ଟିକସ ଆଦାୟ କ୍ଷେତ୍ରରେ ସ୍ୱଚ୍ଛ ସାଥୀ ଓ ଜଳ ସାଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ପାଇଁ କର୍ପୋରେଟରମାନେ ଦାବି କରିଥିଲେ । କମିଶନର ଏହାକୁ ସମର୍ଥନ ଜଣାଇବା ସହ ଏସଏଚଜି ମହିଳାଙ୍କୁ ପ୍ରଶିକ୍ଷଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଏଥିସହ ପ୍ରତ୍ୟେକ ୱାର୍ଡରେ ରାସ୍ତା ଓ ଡ୍ରେନେଜ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ଅଭିଯୋଗ କରିଥିଲେ । ପ୍ରତି ୱାର୍ଡରେ ୧୦୦ ଦିନ ମଧ୍ୟରେ ରାସ୍ତା ଓ ଡ୍ରେନେଜ କାର୍ଯ୍ୟ ସାରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ । ସେହିପରି ଦିନରେ ଷ୍ଟ୍ରିଟ ଜଳୁଥିବା ନେଇ କର୍ପୋରେଟରମାନେ ଅଭିଯୋଗ କରିଥିଲେ । କମିଶନର ଏହା ଜାଣିବା ପରେ ବିରକ୍ତି ପ୍ରକାଶ କରିବା ସହ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଡେପୁଟି କମିଶନର ବିନୋଦ କୁମାର ବେହେରା, ଏନଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ, ଯନ୍ତ୍ରୀ ଇଂ ନାଗେଶ୍ୱର ସୁବୁଦ୍ଧିଙ୍କ ସମେତ ବହୁ ଯନ୍ତ୍ରୀ, ଗୋଷ୍ଠୀ ସଂଯୋଜିକା ଓ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।



@ ବାପୁ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

# ଗଞ୍ଜେଇ ଭର୍ତ୍ତି କାର ଜବତ, ୩ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ଓ କାର୍ ।

ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

## ଫୁଲବାଣୀରୁ କଲିକତା ଚାଲାଣ ହେଉଥିଲା

ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଡମ୍ବୁରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏକ ଟିମ ଶୁକ୍ରବାର କୁକୁଡ଼ାଖଣ୍ଡିରେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି କାର ଜବତ କରିଛି । ସେଥିରୁ ୨୧୦କେଜି ଗଞ୍ଜେଇ ଜବତ କରାଯିବ ସହ ୩ ଚାଲାଣକାରୀଙ୍କୁ ଗିରଫ କରଯାଇଛି । ସେମାନେ ହେଲେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବେଗୁନାଡିହର ଅନ୍ତର୍ଯ୍ୟାମୀ ଦାସ, ଉଦାଳିର ସତ୍ୟଜିତ ଗୋଛାୟତ ଓ ଅଞ୍ଚଡ଼ିହର ହରିକୃଷ୍ଣ ନାଇକ । ଅବକାରୀ ଗୋଇନ୍ଦା ଉପ ଅଧୀକ୍ଷକ କୁବେର ସେଠୀଙ୍କ ନେତୃତ୍ୱରେ ଏକ ଟିମ କୁକୁଡ଼ାଖଣ୍ଡି ଛକରେ ଯାନବାହନ ଯାଞ୍ଚ କରୁଥିଲେ । ସେହି ରାସ୍ତା ଦେଇ ବ୍ରହ୍ମପୁର ଅଭିମୁଖେ ଆସୁଥିବା କାର (ଓଆର ୦୩ ଜେ ୧୦୪୫)କୁ ଅଟକାଇ ଟିମ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡ଼ିଥିଲା । କାର୍‌ରେ ଥିବା ଅଭିଯୁକ୍ତମାନଙ୍କୁ ଜେରା ବେଳେ ସେମାନେ କନ୍ଧମାଳରୁ ଆଣିଥିବା ଏହି ଗଞ୍ଜେଇକୁ କଲିକତା ଚାଲାଣ କରିଥାନ୍ତେ ବୋଲି କହିଛନ୍ତି । ଜବତ ଗଞ୍ଜେଇ ଓ କାର ମୂଲ୍ୟ ୫୧ ଲକ୍ଷ ଟଙ୍କା ହେବ ବୋଲି ସେଠୀ ସୂଚନା ଦେଇଛନ୍ତି । ମାମଲା ନଂ.୨୪୯/୨୩-୨୪ରେ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏସଆଇ ଅଜିତ କୁମାର ନାୟକ, କନଷ୍ଟେବଲ କପିଳାଶ ଭତ୍ରା, ସନ୍ତୋଷ ନାୟକ, ବଳରାମ ଜେନା, କୁମୁଦ ଚନ୍ଦ୍ର ପ୍ରଧାନ, ସୁବ୍ରତ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ ।

## ମଦ ଜବତ, ଜଣେ ଗିରଫ

ଗୋପାଳପୁର,୪।୮ (ନବୀନରାଜ ଆଚାରୀ)

ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ତତଡାପୁଲୀ ଗ୍ରାମର ଏମ. କାମେୟା (୪୫) । ତତଡାପୁଲୀ ଗ୍ରାମରେ କାମେୟା ଗତ କିଛି ଦିନ ହେଲା ଚୋରାରେ ଦେଶୀ ମଦ ବିକ୍ରି କରୁଥିଲେ । ଗୁରୁବାର ରାତିରେ ଗୋଳନ୍ଥରା ଥାନା ପୋଲିସ ସେଠାରେ ଚଢ଼ାଉ କରି କାମେୟାଙ୍କୁ କାବୁ କରିବା ସହ ତାଙ୍କଠାରୁ ୬୦ ଲିଟର ଦେଶୀ ମଦ ଜବତ କରିଥିଲା । ଏ ନେଇ ନଂ. ୩୭୮/୨୩ ରେ ଅବକାରୀ ମାମଲା ରୁଜୁ କରି ଶୁକ୍ରବାର କାମେୟାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ନକଲି ମୋବିଲ କାରଖାନା ଠାବ




ଗୋପାଳପୁର,୪।୮ (ନବୀନ ରାଜ ଆଚାରୀ)

## ବିପୁଳ ଅଏଲ ଓ ପ୍ରସ୍ତୁତ ସାମଗ୍ରୀ ଜବତ, ୨ ଅଟକ

ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଏକ ନକଲି ମୋବିଲ କାରଖାନା ଠାବ କରିଛି । ପୋଲିସ ସେଠାରୁ ବିପୁଳ ପରିମାଣର ମୋବିଲ, ବିଭିନ୍ନ ପ୍ରକାର ବୋତଲ ଓ ଷ୍ଟିକର ଜବତ କରିଛି । ଏଥିରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରିରଖିଛି । ସୂଚନା ଅନୁସାରେ, ଏହି ଥାନା ଅଧୀନସ୍ଥ ହଳଦିଆପଦର ରାଳବ ରାସ୍ତାରେ ଏକ ଘରେ ନକଲି ଇଞ୍ଜିନ ଅଏଲ ପ୍ରସ୍ତୁତ କାମ ଚାଲିଥିଲା । ଏନେଇ ମଧ୍ୟାହ୍ନ ସମୟରେ ଖବର ପାଇ ଆଇପିଏସ ପ୍ରୋବେସନ ଅଙ୍କିତ କୁମାର ବର୍ମା ଓ ଇନସପେକ୍ଟର ବିବେକାନନ୍ଦ ମହନ୍ତ ସେଠାରେ ଚଢ଼ାଉ କରିଥିଲେ । ସେଠାରୁ ବିପୁଳ ପରିମାଣରେ ନକଲି ଅଏଲ ପ୍ରସ୍ତୁତ ହେଉଥିବା ଦେଖିବାକୁ ପାଇଥିଲେ । ତିନୋଟି ବ୍ୟାରେଲରୁ ୧୫୦ ଲିଟର, ବୋତଲରୁ ୬୦ ଲିଟର ଇଞ୍ଜିନ ଅଏଲ, ବିପୁଳ ପରିମାଣର ଷ୍ଟିକର, ବୋତଲ, ମେସିନ, କଲର ଜବତ କରିଥିଲେ । ପୋଲିସ ଅଟକ ରଖିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ କନିଷି ହାଟ ଗ୍ରାମର ବିଭୁତି ଭୁଷଣ ଶତପଥୀ ଓ ବ୍ରହ୍ମପୁର ମହାନଗରର ଗୋଲାପଲ୍ଲୀ ସାହିର ଏ.ନବୀନ ବୋଲି ଜଣାପଡ଼ିଛି । ଗତ ଏକ ବର୍ଷ ହେଲା ବିଭୁତି ଓ ନବୀନ ହଳଦିଆପଦରରେ ଘର ଭଡ଼ାନେଇ ପୋଡ଼ା ଅଏଲ କିଣି ରାତ୍ରିରେ ତାକୁ କଲର ଦେଇ ବିଭିନ୍ନ ପ୍ରକାର ବ୍ରାଣ୍ଡର ଲୋଗୋ ଲଗାଇ ବୋତଲରେ ଭର୍ତ୍ତି କରି ଆନ୍ଧ୍ରପ୍ରଦେଶ, ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳରେ ଗ୍ୟାରେଜମାନଙ୍କୁ ଯୋଗାଉଥିଲେ । ବୋତଲ ଓ ଷ୍ଟିକରଗୁଡ଼ିକ ଦିଲ୍ଲୀରୁ କିଣାଯାଉଥିଲା । ଗୋଟିଏ ବୋତଲ ପିଛା ଇଞ୍ଜିନ ଅଏଲ ପ୍ରସ୍ତୁତ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହାକୁ ୩୦୦ ଟଙ୍କାରେ ବିକ୍ରି କରୁଥିଲେ ବୋଲି ଉଭୟ ପୋଲିସ ନିକଟରେ ପ୍ରକାଶ କରିଛନ୍ତି । ଆଇପିଏସ ପ୍ରୋବେସନ ଅଙ୍କିତ ବଡ଼ବଜାର ଥାନା ଅଧିନସ୍ଥ ବାଉରୀ, ସୁକାଣ୍ଡାରେ ଏକ ଘରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଇଞ୍ଜିନ ଅଏଲ ଜବତ କରିବା ସହିତ ଜଣକୁ କାବୁ ମଧ୍ୟ କରାଯାଇଛି । ଉକ୍ତ ଘଟଣାରେ ଅନ୍ୟକେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ତଦନ୍ତ ଚାଲିଛି ବୋଲି ଆଇପିଏସ ପ୍ରୋବେସନ ଅଙ୍କିତ ସୂଚନା ଦେଇଛନ୍ତି ।

## ହତ୍ୟା ଉଦ୍ୟମ ମାମଲା, ସ୍ୱାମୀ ନିର୍ଦ୍ଦୋଷ

ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଶୁକ୍ରବାର ବ୍ରହ୍ମପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରମାଣ ଅଭାବରୁ ଅଭିଯୁକ୍ତ ସ୍ୱାମୀ କାଳିଆକାହ୍ନୁ ପାତ୍ର(୨୭)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ଗୋଷାଣିନୂଆଗାଁ ବଡ ସାହିର କାଳିଆ ୨୦୨୦ରେ ଗାୟତ୍ରୀ ଦଳେଇଙ୍କୁ ପ୍ରେମ ବିବାହ କରିଥିଲେ । କିଛିମାସ ପରେ ବିଭିନ୍ନ କାରଣକୁ ନେଇ ସେ ତାଙ୍କ ସ୍ତ୍ରୀ'ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ । ୨୦୨୨ ଏପ୍ରିଲ ୯ ତାରିଖରେ କାଳିଆ ତାଙ୍କ ସ୍ତ୍ରୀଙ୍କୁ ଏକ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ । ଗାୟତ୍ରୀ କୌଶଳକ୍ରମେ ସେଠାରୁ ଖସି ଆସି ମହିଳା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୪୩/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରେ ତାଙ୍କୁ ଜାମିନ ମିଳିଥିଲା । ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ କୋର୍ଟରେ ଅଭିଯୋଗପର୍ଦ୍ଧ ଦାଖଲ କରିଥିଲେ । ମାମଲାର ବିଚାର ବେଳେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏହାକୁ ଆଧାର କରି ପ୍ରମାଣ ମିଳି ନଥିବାରୁ ବିଚାରପତି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୁଦାମ ଚନ୍ଦ୍ର ସାହୁ ମକଦ୍ଦମା ପରିଚାଳନା କରୁଥିଲେ ।

## ହଷ୍ଟେଲରୁ ଲାପ୍‌ଟପ, ମୋବାଇଲ ଚୋରି

ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଏକ ହଷ୍ଟେଲରୁ ୨ଟି ମୋବାଇଲ ଫୋନ ଓ ଗୋଟିଏ ଲାପଟପ ଚୋରି ହୋଇଛି । ଶାନ୍ତିନଗରସ୍ଥିତ ଆନନ୍ଦ ହଷ୍ଟେଲରେ ରହୁଥିବା ରୀନା କୁମାରୀ ସାହୁ ଏହି ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ଓ ସୁମନ ସାହୁ ଓ ସୁମନଙ୍କ ଜଣେ ସାଙ୍ଗ ଶିବ ପ୍ରସାଦ ରେଡ୍ଡୀ ହଷ୍ଟେଲରେ ରହି ପାଠ ପଢୁଥିଲେ । ସେମାନେ ଲାପଟପ ଓ ମୋବାଇଲ ବ୍ୟବହାର କରୁଥିଲେ । ହେଲେ କେହି ଦୁର୍ବୃତ୍ତ ସେମାନଙ୍କ ଲାପଟପ ଓ ମୋବାଇଲ ଫୋନ ଚୋରି କରି ନେଇଛନ୍ତି । ପୋଲିସ ୩୬୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ବ୍ରହ୍ମପୁର, ୪।୮ (ତନୁଶ୍ରୀ ନାହାକ)

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଶୁକ୍ରବାର ସାରଳା ସାହିତ୍ୟ ଶୀର୍ଷକ ଏକ ଆଲେଚନାଚକ୍ର ବିଭାଗୀୟ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭାଗର ମୁଖ୍ୟ ଡ଼.ବିଦ୍ୟୁତପ୍ରଭା ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଫେସର ତଥା ଅବସର ପ୍ରାପ୍ତ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼.କୈଳାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ । ବିଭାଗର ସହକାରୀ ପ୍ରଫେସର ଡ଼.ଉଷାରାଣୀ ରଥ ମଞ୍ଚାସୀନ ହୋଇଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟକୁ ସାରଳା ଦାସଙ୍କ ଅବଦାନ ଓ ସାରଳା ମହାଭାରତ ସମ୍ପର୍କରେ ଆଲୋକପାତ କରିବା ସହ ସାରଳା ସମୟ ସମ୍ପର୍କରେ ସାମଗ୍ରୀକ କୃତିତ୍ୱ ଉପରେ ମତ ରଖିଥିଲେ । ଓଡ଼ିଆ ବିଭାଗର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।

# ପ୍ରଧାନମନ୍ତ୍ରୀ ଫସଲବୀମା ସଚେତନତା ରଥ ପରିକ୍ରମା

କବିସୂର୍ଯ୍ୟନଗର,୪।୮ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକର ୨୧ ପଞ୍ଚାୟତ ଓ ଆସିକା ବ୍ଲକର ୨୮ପଞ୍ଚାୟତରେ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏକ ରଥ ପରିକ୍ରମା ଆରମ୍ଭ କରିଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଦ୍ୱାରା ଜଣେ ଚାଷୀ ବୁଣା, ରୁଆରେ ବିଫଳତା, ମଧ୍ୟବର୍ତ୍ତିକାଳୀନ ଫସଲ କ୍ଷତି, ଦୁର୍ବିପାକ କ୍ଷତି ଓ ଅମଳ ପରେ କ୍ଷତି ହେଲେ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯିବ । ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ଚାଷୀ ଓ ଅଣଚାଷୀଙ୍କୁ ନିକଟସ୍ଥ ବ୍ୟାଙ୍କ, ସମବାୟ ବ୍ୟାଙ୍କ, କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ, ବୀମା କମ୍ପାନୀର ପ୍ରତିନିଧି ବା ଜନସେବା କେନ୍ଦ୍ରରେ ପଞ୍ଜୀକରଣ କରିବାକୁ ହେବ । ମାତ୍ର ୧ ଟଙ୍କା ପ୍ରିମିୟମ ରାଶି ଦେଇ ଚାଷୀ ଧାନ, ମକା, କପା, ଚିନାବାଦାମ, ମାଣ୍ଡିଆ, ହରଡ଼, ହଳଦୀ ଓ ଅଦା ଚାଷ ପାଇଁ ବୀମାଭୁକ୍ତ ହୋଇପାରିବେ ବୋଲି ରଥ ମାଧ୍ୟମରେ ସଚେତନ କରାଯାଉଛି । ବୀମା ଭୁକ୍ତ ହେବା ପାଇଁ ୫ ତାରିଖ ଶେଷ ଦିନ ରହିଛି । କାର୍ଯ୍ୟକ୍ରମକୁ ଆସିକା ବ୍ଲକ କୋ-ଅର୍ଡିନେଟର ଚିତ୍ରସେନ ପ୍ରଧାନ ଓ କବିସୂର୍ଯ୍ୟନଗର ବ୍ଲକ କୋ-ଅର୍ଡିନେଟର ଦୀପକ ପ୍ରଧାନ ସଂଯୋଜନା କରିଥିଲେ ।



ସଚେତନତା ରଥ ପରିକ୍ରମା କରୁଛି ।

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଆକ୍ରମଣ କରିଥିବା ନେଇ ଗତ ୨ତାରଖରେ ମହିଳା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଅଭିଯୁକ୍ତ ଜି. ଶ୍ରୀନିବାସଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି । ଜି. ଶ୍ରୀନିବାସ ୨୦୧୦ରେ ଜି. ସୁଧାଙ୍କୁ ବିବାହ କରିଥିଲେ । ସେମାନଙ୍କର ୨ ପୁଅ । ଶାଶୁଘର ଲୋକେ ଗତ ଜୁନ ୨୫ରେ ମାନସିକ ଓ ଶାରୀରିକ ନିର୍ଯାତନା ଦେବାରୁ ସୁଧା ବଡ଼ପୁଅକୁ ନେଇ ନିଜ ବାପଘର ଚାଲି ଯାଇଥିଲେ । ସାନ ପୁଅ ଅସୁସ୍ଥ ଥିବାରୁ ଫୋନ କରି ମା'ଙ୍କୁ ଡାକିଥିଲେ । ତେଣୁ ସୁଧା ତାଙ୍କ ମା'ଙ୍କ ସହ ଶାଶୁ ଘରକୁ ଆସି ସାନ ପୁଅକୁ ନେଉଥିବା ବେଳେ ସ୍ୱାମୀ ଶ୍ରୀନିବାସ ରାସ୍ତାରେ ସେମାନଙ୍କୁ ଆକ୍ରମଣ କରିଥିଲେ । ଫଳରେ ସୁଧା ଓ ତାଙ୍କ ମା'ଙ୍କ ମୁଣ୍ଡରେ ଆଘାତ ଲାଗିଛି । ଏହାସହ ପୁଅ ମଧ୍ୟ ଆହତ ହୋଇଛି ବୋଲି ସୁଧା ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ୧୨୨/୨୩ରେ ଏକ ମାମଲା ରୁଜୁ କରିଥିଲା ।

# ଜବତ ୧୬ ବାଇକ୍ ମାଲିକଙ୍କୁ ଫେରାଇଲା ପୋଲିସ


ଉଦ୍ଧାର ବାଇକ ଫେରାଉଛି ପୋଲିସ ।

ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବିଭିନ୍ନ ସମୟରେ ଚୋରି ହୋଇଥିବା ୧୬ଟି ବାଇକ ପୋଲିସ ଉଦ୍ଧାର କରି ସେଗୁଡିକୁ ପ୍ରକୃତ ମାଲିକମାନଙ୍କୁ ହସ୍ତାନ୍ତର କରିଛି । ଏଥିପାଇଁ ଶୁକ୍ରବାର ପୋଲିସ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍. ଯୋଗଦେଇ ଗାଡି ମାଲିକମାନଙ୍କଠାରୁ ଉପଯୁକ୍ତ କାଗଜପତ୍ର ଦେଖିବା ପରେ ଗାଡି ଫେରାଇଛନ୍ତି । ଗାଡି ମାଲିକମାନେ ଏସପିଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ଅବସରରେ ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି, ବୈଦ୍ୟନାଥପୁର, ଗୋସାଇଁନୂଆଗାଁ ଓ ରଙ୍ଗେଇଲୁଣ୍ଡା ଅଞ୍ଚଳରେ ବାଇକ ଚୋରି ବଢିଥିଲା । ତେଣୁ ବାଇକ ଚୋରି ର୍‍ୟାକେଟକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା । ଏହି ଟିମ୍ ୮ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୬ଟିବାଇକ ଉଦ୍ଧାର କରାଯାଇଥିଲା । ପରେ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବାଇକ ଚୋରି ମାମଲାଗୁଡିକୁ ଯାଞ୍ଚ କରାଯାଇ ମାଲିକମାନଙ୍କୁ ଡକା ଯାଇଥିଲା । ସେମାନେ ବାଇକଗୁଡିକ ନିଜର ବୋଲି ଉପଯୁକ୍ତ ପ୍ରମାଣପତ୍ର ଦେଇଥିଲେ । ଏହାପରେ ବାଇକ ହସ୍ତାନ୍ତର କରାଯାଇଛି । ବାଇକ୍ ଚୋରି ର୍‍ୟାକେଟରେ ଆଉ ଅଧିକ ଅଭିଯୁକ୍ତ ଅଛନ୍ତି । ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଟିମ୍ ନିୟୋଜିତ ଅଛନ୍ତି । ୧୬ ବାଇକ୍ ଉଦ୍ଧାର ହୋଇଥିବାରୁ ଏସପି ଟିମରେ ନିୟୋଜିତ ପୋଲିସ ଅଧିକାରୀଙ୍କୁ ସାବାସୀ ଜଣାଇଛନ୍ତି ।

ବାଇକ୍ ଚୋରି ର୍‍ୟାକେଟକୁ ଧରିବା ପାଇଁ ଯେଉଁ ଟିମ୍ ଗଠନ କରାଯାଇଥିଲା ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୬ଟି ଗାଡ଼ି ଜବତ କରିବାରେ ସଫଳ ହୋଇଥିବା ଏସ୍‌ପି କହିଛନ୍ତି । ବାଇକ୍ ଫେରାଇବା ସମୟରେ ଟାଉନ୍ ଏସଡିପିଓ ରାଜୀବ ଲୋଚନ ପଣ୍ଡା, ବୈଦ୍ୟନାଥପୁର, ଗୋସାଇଁନୂଆଗାଁ ଓ ରଙ୍ଗେଇଲୁଣ୍ଡା ଥାନାର ଭାରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# କାସୁରିମୁଣ୍ଡା ଡ୍ୟାମ ଭାଙ୍ଗିଲା, ଶତାଧିକ ଏକର ଚାଷ ଜମି ନଷ୍ଟ

ରାଇକିଆ,୪।୮(ପ୍ରଦୀପ ବେହେରା)



ଭାଙ୍ଗି ଯାଇଥିବା ଚେକ୍‌ଡ୍ୟାମ୍।

କନ୍ଧମାଳ ଜିଲା ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତର ଗଡିମହାଠାରେ ଥିବା କାସୁରିମୁଣ୍ଡା ଚେକଡ୍ୟାମ ଭାଙ୍ଗିଯିବା ଫଳରେ ଶତାଧିକ ଏକର ଚାଷ ଜମି ନଷ୍ଟ ହୋଇଯାଇଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦୀର୍ଘବର୍ଷ ହେଲା ପାଟଲିପାଙ୍ଗ, ଗଡ଼ିମହା, ବରେପଙ୍ଗା ଅଞ୍ଚଳର ଚାଷୀ କାସୁରୀମୁଣ୍ଡା ଡ୍ୟାମ ତଳ ଅଞ୍ଚଳରେ ଥିବା ନିଜ ଜମିରେ ଚାଷ କରିଆସୁଥିଲେ। ବର୍ଷାଦିନେ କେବଳ ସେଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ଦୀର୍ଘ ବର୍ଷ ହେଲା ଏକ ଚେକ ଡ୍ୟାମ ନିର୍ମାଣ କରାଯାଇଥିଲା। ଏଥିରେ ଜଳ ସ୍ରୋତ ନିୟନ୍ତ୍ରଣ ହେବା ସହ ତଳ ଅଞ୍ଚଳରେ ଥିବା ଜମିକୁ ସୁରକ୍ଷା ମିଳୁଥିବା ବେଳେ ଉପର ମୁଣ୍ଡରେ ମଧ୍ୟ ଚାଷ ଜମିକୁ ଜଳ ପହଞ୍ଚି ପାରୁଥିଲା। ଚଳିତ ବର୍ଷ ଏକ ଘରୋଇ ସଂସ୍ଥା ଉକ୍ତ ସ୍ଥାନରେ ଥିବା ପୁରୁଣା ଚେକଡ୍ୟାମକୁ ଭାଙ୍ଗି ନୂତନ ଚେକ ଡ୍ୟାମ କାର୍ଯ୍ୟ ଆରମ୍ଭ କରିଥିଲା। ଡ୍ୟାମରେ ମାତ୍ରାଧିକ ଜଳ ଧାରଣ ଯୋଗୁଁ ଏହାର ଅତଡ଼ା ଧସିବା ସହ ସଂପୂର୍ଣ୍ଣ ୱାଲ ଧୋଇ ଯାଇଥିଲା। ଏହାର ପ୍ରଭାବରେ ତଳ ଅଞ୍ଚଳରେ ଥିବା ଶତାଧିକ ଏକର ଜମିରେ ବାଲି ମାଡ଼ିଯିବା ସହ ତଳି ନଷ୍ଟ ହୋଇଯାଇଥିବା ନେଇ ରଞ୍ଜିତ ପ୍ରଧାନ, ସୁବାସ ପ୍ରଧାନ, ଜାକବ କହଁର, ତରୁଣ ପ୍ରଧାନ, ଚେଡି ମଲିକ, ଜାବିଙ୍ଗା ପ୍ରଧାନ, ଧବଳେଶର ପ୍ରଧାନ, ତୁମା ପ୍ରଧାନ, ମାଲିକ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ରାଇକିଆ ତହସିଲଦାର ଅକ୍ଷୟ ପାଣି ଉକ୍ତୁ କହୁଛନ୍ତି, ଚାଷୀଙ୍କ ଅଭିଯୋଗ ଅନୁସାରେ କୃଷି ବିଭାଗ ସହିତ ଯୁଗ୍ମ ଭାବେ କ୍ଷୟକ୍ଷତି ସମ୍ପର୍କରେ ତଦନ୍ତ କରାଯିବ।

# ବିଜେଡି ସମ୍ବିଧାନ,ମହିଳା ବିରୋଧୀ:ଏଏପି

ଫୁଲବାଣୀ,୪।୮(ରାକେଶ କୁମାର ରାଉତ)

ରାଜ୍ୟରେ ଶାସନ କରୁଥିବା ବିଜେଡି ସହ ଭାଜପାର ଅଘୋଷିତ ମେଣ୍ଟ ରହିଛି । ପାର୍ଲାମେଣ୍ଟରେ ଯେଉଁ ଅଧ୍ୟାଦେଶ ସପକ୍ଷରେ ବିଜେଡି ସମର୍ଥନ ଜଣାଇଛି ତାହା ସମ୍ବିଧାନ, ଗଣତନ୍ତ୍ର ଏବଂ ମହିଳା ବିରୋଧୀ । ଭାଜପା ସହ ଅଘୋଷିତ ମେଣ୍ଟକୁ ବିଜେଡି ସାର୍ବଜନୀନ କରୁ ବୋଲି ଶୁକ୍ରବାର କନ୍ଧମାଳ ଜିଲା ଆମ୍ ଆଦ୍‌ମୀ ପାର୍ଟି ଦାବି କରିଛି । ଆଗାମୀ ଦିନରେ ଗାଁ ଗାଁ ବୁଲି ଲୋକଙ୍କୁ ବିଜେଡି ଏବଂ ଭାଜପା ବିରୋଧରେ ଅବଗତ କରାଯିବ ବୋଲି ଫୁଲବାଣୀସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ କର୍ମକର୍ତ୍ତା କହିଛନ୍ତି। ସୁପ୍ରିମକୋର୍ଟ ଦିଲ୍ଲୀର ଶାସନ ପାଇଁ ନିର୍ବାଚିତ ସରକାରଙ୍କୁ ଉତ୍ତରଦାୟୀ କରିବା ସହ ପ୍ରଶାସନିକ ସମ୍ପର୍କିତ ସମସ୍ତ ନିଷ୍ପତି ନେବାର ଅଧିକାର ସରକାରଙ୍କ ରହିଛି ବୋଲି କହିବା ପରେ କେନ୍ଦ୍ର ସରକାର ତରବରିଆ ଭାବେ ଏହା ଉପରେ ଏକ ଅଧ୍ୟାଦେଶ ଆଣିଲେ। ଯାହା ପାର୍ଲାମେଣ୍ଟରେ ପାରିତ ହୋଇଛି । ଦିଲ୍ଲୀରେ ସରକାରଙ୍କ ଅଧିକାର ଲ୍ୟୁଟନାଣ୍ଟ ଗଭର୍ନରଙ୍କ ହାତକୁ ଟେକି ଦିଆଯାଇଛି। ଏବେ ବି ଏହି ଅଧ୍ୟାଦେଶ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ ଆଣିବା ଅସାମ୍ବିଧାନିକ ଅଟେ । ଅନେକ ରାଜନୈତିକ ଦଳ ଏହାକୁ ବିରୋଧ କରିଥିବା ବେଳେ ବିଜେଡି ସମର୍ଥନ କଲା । ମଣିପୁର ହିଂସା ଘଟଣାରେ ଆସିଥିବା ଅନାସ୍ଥା ପ୍ରସ୍ତାବରେ ଭାଜପାକୁ ବିଜେଡି ସମର୍ଥନ ଜଣାଇଲା । ଯାହା ମହିଳା ବିରୋଧୀ । ଆମ୍ ଆଦମୀ ପାର୍ଟି ସରକାରଙ୍କ ଅସଲ ମୁଖା ଖୋଲିବ ବୋଲି ଦଳ ସଭାପତି ବଳରାମ ଦିଗାଲ, ସମ୍ପାଦକ ଗିରିଶ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜକିଶୋର ପାଢ଼ୀ, ସୁନୀଲ ମୁନୀ, ଦିଲୀପ ଦିଗାଲ, ମହେନ୍ଦ୍ର ମଲ୍ଲିକ, ବସନ୍ତ କହଁର, ରଶ୍ମିତା ପଟ୍ଟନାୟକ, ତ୍ରିନାଥ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଏଏପି କର୍ମକର୍ତ୍ତା ।

# ଜୁଆ ଆଡ୍ଡାରେ ଚଢାଉ, ୯ ଗିରଫ

ଆସିକା,୪।୮(ସୁରେନ୍ଦ୍ରନାଥ ସାହୁ)

ଆସିକା ବସଷ୍ଟାଣ୍ଡ ଡାକବଙ୍ଗଳା ସଂଲଗ୍ନ ଏରୋଗୋଲା ବସା ନିକଟ ବଡନଦୀ ହିଡରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଶୁକ୍ରବାର ପୋଲିସ ଚଢାଉ କରିଥିଲା । ସେଠାରୁ ୯ଜଣଙ୍କୁ ଗିରଫ କରାଯିବା ସହ ୨୦,୫୫୦ ଟଙ୍କା ଜବତ କରାଯାଇଛି । ଘଟଣାସ୍ଥଳରୁ ପୋଲିସ ୨ଟି ବାଇକ ଓ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଆସିକା ଥାନାରେ ୪୫୧/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପି. ସ୍ୱରୂପ କିସାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ଆସିକା ଏନଏସିର କୁମ୍ଭାର ସାହି, ବାଣୀବିହାର, ତାଲୁକା ଛକ, ପାକଲାପଲ୍ଲୀ, କାଳଷଣ୍ଡପୁର, ମାମୁଁଡିହ, ରେଡିଦାମୋଦରପଲ୍ଲୀ ଗ୍ରାମର ବୋଲି ଜଣାପଡିଛି।

# ଆନ୍ଦୋଳନକୁ ଓହ୍ଲାଇବ ଅସନ୍ତୁଷ୍ଟ କୃଷି ସେବା ସଂଘ

ଫୁଲବାଣୀ,୪।୮(ରାକେଶ କୁମାର ରାଉତ)

ଭାରତ ସରକାରଙ୍କ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ ୨୦୧୬ରେ ପ୍ରଚଳିତ ବିଜ୍ଞପ୍ତି ଅନୁସାରେ କୃଷିଭିତ୍ତିକ ଶିକ୍ଷାକୁ ଏକ ବୃତିଗତ ଶିକ୍ଷାର ମାନ୍ୟତା ପ୍ରଦାନ କରାଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ବୃତ୍ତିଗତ ଶିକ୍ଷାପ୍ରାପ୍ତ କ୍ୟାଡର୍ ମାନଙ୍କ ସହ ସମକକ୍ଷ କରି, କୃଷି ବିଭାଗ ଅଧିକାରୀଙ୍କୁ ଗ୍ରୁପ 'ଏ' ରେ ନିଯୁକ୍ତି ଦିଆଯିବା ପାଇଁ ଦୀର୍ଘଦିନରୁ କୃଷି ଅଧିକାରୀଙ୍କ ଦାବି ରହିଆସିଛି । ବିଗତ ଦୁଇ ଦଶନ୍ଧି ମଧ୍ୟରେ ବହୁ ବିଭାଗୀୟ ପରୀକ୍ଷାଗାର ସ୍ଥାପନ ସହ କୃଷକ ମଙ୍ଗଳକାରୀ ଯୋଜନାସମୂହର କାର୍ଯ୍ୟକାରିତା ନିମନ୍ତେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ କରାଯାଇଛି । କିନ୍ତୁ ସେହି ଅନୁପାତରେ କ୍ୟାଡରରେ ଗୋଟିଏ ମଧ୍ୟ ନୂତନ ପଦବୀ ସୃଷ୍ଟି କରାଯାଇନାହିଁ । ଏହି ସବୁ ପ୍ରତିକୂଳ ପରିସ୍ଥିତିରେ ଓଡିଶା କୃଷି ସେବା ସଂଘ ବିଗତ ୨ ବର୍ଷ ଧରି ଓଡିଶା କୃଷି ସେବା କ୍ୟାଡରର ପୁନର୍ବିନ୍ୟାସ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର ଏ ଯାଏ କିଛି ପଦକ୍ଷେପ ନେଉନାହାନ୍ତି। ସଂଘର କର୍ମକର୍ତ୍ତା ଆସନ୍ତା ୮ ତାରିଖରେ ସରକାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ସରକାର ପଦକ୍ଷେପ ନ ନେଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅନୁସରଣ କରିବ ବୋଲି ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ସଂଘର ବାରମ୍ବାର ଦାବି ପରେ ସରକାର ଉକ୍ତ କ୍ୟାଡରର ପୁନର୍ବିନ୍ୟାସ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ । ବିଗତ ଏକ ବର୍ଷ ଧରି ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ତଥା କୃଷି ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମାର୍ଚ୍ଚ ୧୬ରେ ଲୋକସେବା ଭବନରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ କ୍ୟାଡର ପୁନର୍ବିନ୍ୟାସ ନିମନ୍ତେ ସେବା ସଂଘ ଦ୍ୱାରା ପ୍ରସ୍ତୁତ ଦସ୍ତାବିଜକୁ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ପର୍ଯ୍ୟବେକ୍ଷଣ ଏବଂ ସୁପାରିଶ ନିମନ୍ତେ ପଠାଇବାକୁ ନିଷ୍ପତି ନିଆଯାଇଥିଲା। ସରକାରଙ୍କ ଅନୁମୋଦନ କ୍ରମେ ହାଇଦ୍ରାବାଦସ୍ଥିତ ରାଷ୍ଟ୍ରୀୟ କୃଷି ବିସ୍ତାର ପ୍ରବନ୍ଧ ସଂସ୍ଥାନ(ଏମ୍ଏଏନ୍ଏଜିଇ)କୁ ଉଚ୍ଚସ୍ତରୀୟ କମିଟି ଗଠନ ଏବଂ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହା ମଧ୍ୟରେ ରାଷ୍ଟ୍ରୀୟ କୃଷି ବିସ୍ତାର ପ୍ରବନ୍ଧ ସଂସ୍ଥାନରେ ଗଠିତ କମିଟି ଗତ ୧୪ରେ ସରକାରଙ୍କୁ କ୍ୟାଡର ପୁନର୍ବିନ୍ୟାସ ସମ୍ବନ୍ଧିତ ସୁପାରିଶ ପତ୍ର ପ୍ରଦାନ କରିଛନ୍ତି। ତଥାପି ସରକାର ଏ ଦିଗରେ ପରବର୍ତ୍ତୀ ପଦକ୍ଷେପ ନ ନେଇ ସଂଘର ଦାବି ପ୍ରତି ଉଦାସିନତା ମନୋଭାବ ଦେଖାଇଛନ୍ତି। ଏହି ପରିପ୍ରେକ୍ଷୀରେ କନ୍ଧମାଳ କୃଷିସେବା ସଂଘର ସମସ୍ତ ସଦସ୍ୟ ନିଜର ଅସନ୍ତୋଷ ଜାହିର କରିଛନ୍ତି। କ୍ୟାଡର ପୁନର୍ବିନ୍ୟାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ପଞ୍ଚାୟତକୁ ୫୦ ଲକ୍ଷ ନ ଦେଲେ ଆନ୍ଦୋଳନ



ଫୁଲବାଣୀ,୪।୮(ରାକେଶ କୁମାର ରାଉତ)

## ସରପଞ୍ଚ ମହାସଂଘର ଖବରଦାତା ସମ୍ମିଳନୀ

ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଏ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ଦେବେ ବୋଲି ନିକଟରେ ଘୋଷଣା କରଛନ୍ତି। ପଞ୍ଚାୟତ ସମିତି ଏହାକୁ ଖର୍ଚ୍ଚ କରିବ ବୋଲି କୁହାଯାଉଛି। ସରପଞ୍ଚ ପଞ୍ଚାୟତରେ କେଉଁଠି କାମ ହେବ ନ ହେବ ତାହା ଜାଣନ୍ତି। ଏଥିପାଇଁ ଗ୍ରାମସଭା ଏବଂ ପଲ୍ଲିସଭା ହେଉଛି । ବ୍ଲକ ପ୍ରଶାସନ ଏହାକୁ କିପରି ଖର୍ଚ୍ଚ କରିବ। ତେଣୁ ୫୦ ଲକ୍ଷ ଟଙ୍କା ସମ୍ପୂର୍ଣ୍ଣ ଭାବେ ପଞ୍ଚାୟତକୁ ଦିଆଯାଉ ବୋଲି ଶୁକ୍ରବାର ଫୁଲବାଣୀ ପ୍ରେସ୍ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାସ୍ତରୀୟ ସରପଞ୍ଚ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ସରକାର ଏହା ଉପରେ ପଦକ୍ଷେପ ନ ନିଅନ୍ତି ତାହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଅନ୍ୟପକ୍ଷରେ ପଞ୍ଚାୟତିରାଜ ନିୟମ ଅନୁଯାୟୀ ୨୯ଟି ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ସରପଞ୍ଚମାନଙ୍କୁ ଅଣଦେଖା କରାଯାଉଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚ ହେଉଛନ୍ତି ମୂଳ । କିନ୍ତୁ ମାସିକ ଭତ୍ତା ମାତ୍ର ୨୩୫୦ ଟଙ୍କା ମିଳୁଛି । ପଞ୍ଚାୟତସ୍ତରରେ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପଞ୍ଚାୟତ ପରିବର୍ତ୍ତେ ବ୍ଲକ ମାଧ୍ୟମରେ କରାଯାଉଛି । ଏହାକୁ ପୁଣି ପଞ୍ଚାୟତକୁ ହସ୍ତାନ୍ତର କରିବାକୁ ସରପଞ୍ଚ ମହାସଂଘ ଦାବି କରିଛି। ଏଥିସହ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବକୁ ଉଚ୍ଛେଦ କରିବା, ମାସିକ ୫୦ ହଜାର ଟଙ୍କା ଭତ୍ତା, ପଞ୍ଚାୟତକୁ ଜରୁରୀକାଳୀନ ପାଣ୍ଠି ବ୍ୟବସ୍ଥା, ସରପଞ୍ଚଙ୍କ ସ୍ଥାୟୀ ପାଣ୍ଠି ବ୍ୟବସ୍ଥା, ଅବସରକାଳୀନ ଭତ୍ତା ୫୦୦୦, ଜୀବନ ବୀମା ୧୦ ଲକ୍ଷ କରିବାକୁ ସଂଘ ସଭାପତି ସୁଦର୍ଶନ କହଁର, ଉପ ସଭାପତି ଜାନକୀ ପ୍ରଧାନ, ସମ୍ପାଦକ ସଞ୍ଜୟ ନାୟକ, କୋଷାଧ୍ୟକ୍ଷ ରୋହିତ କହଁର ପ୍ରମୁଖ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

ବୁଗୁଡ଼ା,୪।୮(କାଳି ଚରଣ ଦାଶ)

ବୁଗୁଡା ବ୍ଲକ ବେଠିଆବୋରଦା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବରାମ ଜେନା, ସମ୍ମାନିତ ଅତିଥି ଭାବେ ସିଆରସିସି ମାନସ ରଞ୍ଜନ ସେଠୀ, କୁଞ୍ଜବନ ପ୍ରଧାନ ଶିକ୍ଷକ ରଘୁନାଥ ସେଠୀ ଓ ଗାନ୍ଧୀଗ୍ରାମ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ପୋଷାକ ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟଗଣଙ୍କ ସହିତ ଅଭିଭାବକବୃନ୍ଦ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକ ସୀତାରାମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନିଳାଦ୍ରୀ ବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିକିରିପଡା ହାଇସ୍କୁଲରେ ଅବ୍ୟବସ୍ଥା



ଟିକିରିପଡ଼ା ହାଇସ୍କୁଲ

ଖଜୁରିପଡ଼ା,୪।୮(ବିଦୁର ବେହେରା)

ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଯୋଗାଇବା ପାଇଁ ୫-ଟି ଉପକ୍ରମରେ ଉଚ୍ଚ ବିଦ୍ୟାଳୟଗୁଡିକୁ ରୂପାନ୍ତରିତ କରୁଛନ୍ତି। ହେଲେ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଟିକିରୀପଡା ଗ୍ରାମରେ ୧୯୦୮ରେ ସ୍ଥାପିତ ସ୍କୁଲକୁ ଅଣଦେଖା କରାଯାଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଛି। ମୋଟ ୫୧ ଛାତ୍ରୀଛାତ୍ରଙ୍କ ନିମନ୍ତେ ୬ ଜଣ ଶିକ୍ଷକ ଅଛନ୍ତି। ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନାହିଁ। ଯେଉଁ ଶ୍ରେଣୀଗୃହ ଅଛି, ବର୍ଷା ହେଲେ ଛାତରୁ ପାଣି ଗଳୁଥିବାରୁ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଡାଇନିଂ ହଲ ନାହିଁ । ପିଇବା ପାଇଁ ପାଣି ସମସ୍ୟା ଲାଗିରହିଛି ବୋଲି ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଏବଂ ସ୍କୁଲ ସଭାପତି ହରେ କୃଷ୍ଣ ମାଝୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ବହୁ ସରକାରୀ ଅଧିକାରୀ ଏବଂ ନେତାମାନେ ଉକ୍ତ ସ୍କୁଲକୁ ଆସୁଥିଲେ ମଧ୍ୟ ସ୍କୁଲର ସମସ୍ୟା କଥା ଦିନେ ହେଲେ ବିଚାର କରିନାହାନ୍ତି ବୋଲି ସ୍କୁଲ ସଭାପତିଙ୍କ ସମେତ କାଶୀନାଥ କହଁର, ଦୁର୍ଜନ ନାୟକ, ଉପେନ୍ଦ୍ର ମାଝୀ, ଉତ୍ସବ ବେହେରା, ଜୟସ୍ୱର କହଁର ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ସ୍କୁଲରେ ଏଭଳି ଅନେକ ସମସ୍ୟା ଲାଗି ରହିଥିବାରୁ ଅଭିଭାବକମାନେ ବେସରକାରୀ ସ୍କୁଲମୁହାଁ ହେଉଛନ୍ତି। ଫଳରେ ସ୍କୁଲର ଛାତ୍ରୀଛାତ୍ରଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗୁଛି। ସ୍କୁଲଟି ଉପାନ୍ତ ଅଞ୍ଚଳରେ ଅବସ୍ଥିତ ଥିବା ଯୋଗୁ ପିଲାମାନେ ଘରୁ ଯିବା ଆସିବା କରିବାପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକ ମାନେ କହିଛନ୍ତି । ତେଣୁ ହଷ୍ଟେଲ ନିର୍ମାଣ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ସ୍କୁଲ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କଲା ପରେ ଏବେ ସ୍କୁଲ ୫ ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ସ୍କୁଲ ମରାମତି କରାଯାଉଛି। ହେଲେ ସ୍କୁଲ କାମ ତଦାରଖ କରୁଥିବା ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ସ୍କୁଲ କମିଟି ଏବଂ ଶିକ୍ଷକ ମାନଙ୍କ କଥା ଶୁଣୁ ନାହାନ୍ତି ଏବଂ ନିଜ ଇଚ୍ଛାରେ କାମ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।


ବୈଦ୍ୟନାଥ
ଘରେ
ଡାକ୍ତର



ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏର୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଡାଇବେଟିସ୍ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ଋତୁସ୍ରାବଜନିତ ସମସ୍ୟା | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ:
KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097





## ସଂକ୍ଷେପରେ

### ଚିଟ୍‌ଫଣ୍ଡ ଜମାକାରୀଙ୍କୁ ଆକ୍ରମଣ ମାମଲା
## ଅଭିଯୁକ୍ତ ବାପ, ପୁଅ ଜେଲଗଲେ

ଦିଗପହଣ୍ଡି,୪।୮ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ପୋଲିସ ଶୁକ୍ରବାର ଆଙ୍କୋରଡ଼ା ଗ୍ରାମର ପି.ଗଣପତି ଦୋରା ଏବଂ ତାଙ୍କ ପୁଅ ପି.ଶ୍ୟାମବାବୁ ଦୋରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଦିଗପହଣ୍ଡି ଥାନା ଅନ୍ତର୍ଗତ ଚକ୍ରପୁର ଗ୍ରାମର ଏସ. ତାମ୍ମୁ ଦୋରା କିଛିବର୍ଷ ପୂର୍ବେ ଗୋଲ୍ଡେନ ଲ୍ୟାଣ୍ଡ ଚିଟଫଣ୍ଡ ଏଜେଣ୍ଟ ପି.ଶ୍ୟାମବାବୁ ଦୋରାଙ୍କ ନିକଟରେ ୨୦ ହଜାର ଟଙ୍କା ଜମା କରିଥିଲେ। କିଛି ଦିନ ପରେ ଏହି ଚିଟଫଣ୍ଡ ସଂସ୍ଥା ବନ୍ଦ ହୋଇଯାଇଥିଲା। ଏସ. ତାମ୍ମୁଦୋରା ତାଙ୍କ ଜମାରାଶି ଫେରାଇବାକୁ ଶ୍ୟାମବାବୁଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ମଧ୍ୟ ସେ ଟଙ୍କା ଫେରାଇ ନଥିଲେ। ଶ୍ୟାମବାବୁ ଦୀର୍ଘ ବର୍ଷ ଧରି ଜମାକାରୀଙ୍କୁ ଭଣ୍ଡାଉଥିବା ବେଳେ ପରବର୍ତ୍ତୀ ସମୟରେ ଟଙ୍କା ଦେବାକୁ ମନା କରି ଦେଇଥିଲେ। ଏ ନେଇ ପୂର୍ବରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତାମ୍ମୁ ତାଙ୍କ ଜମାରାଶି ଫେରସ୍ତ ପାଇଁ ବାରମ୍ବାର ଶ୍ୟାମବାବୁଙ୍କ ଗାଁକୁ ଯାଇ ଗାଳିଗୁଲଜ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଗୁରୁବାର ରାତିରେ ଶ୍ୟାମବାବୁ ଏବଂ ତାଙ୍କ ବାପା ଗଣପତି ଦୁହେଁ ମିଶି ଚକ୍ରପୁର ଗ୍ରାମକୁ ଯାଇ ତାମ୍ମୁଙ୍କୁ ଘରୁ ଡାକି ନେଇ ମାଡ଼ ମାରିଥିଲେ। ଏନେଇ ତାମ୍ମୁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ ବାପ ପୁଅଙ୍କୁ ଗିରଫ କରିଥିଲା।

## ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୪।୮ (ପବନ ପାଣିଗ୍ରାହୀ) ବେକରେ ଗାମୁଛା ବାନ୍ଧି ଜଣେ ଯୁବକ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପାରାବେଡ଼ାର ଲିଙ୍ଗରାଜ ପାତ୍ର (୩୮)। ଲିଙ୍ଗରାଜ ଘରେ କେହି ନ ଥିବା ସମୟରେ ବେକରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଖବର ପାଇ ଟାଉନଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ, ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

ଭଞ୍ଜନଗର,୪।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବନ ବିଭାଗ ସମ୍ମିଳନୀ କକ୍ଷରେ ନନ୍ଦିନୀ ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ଓ 'ଧରିତ୍ରୀ'ର ୫୦ ବର୍ଷ ପାଳନ ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। 'ଗଣମାଧ୍ୟମ, ଗଣତନ୍ତ୍ର ଏବଂ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଡିଓ ଶଶିଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।

ଏହି ଅବସରରେ ବିଡିଓ ମହାପାତ୍ର ଶ୍ରୀଅରବିନ୍ଦଙ୍କ ଦୁଇଟି ପତ୍ରିକା 'ବନ୍ଦେ ମାତରମ୍' ଏବଂ 'ମିମାଂଶା ନୁହେଁ' ଉପରେ ମତବ୍ୟକ୍ତ କରିଥିଲେ। ଏହି ଦୁଇଟି ପତ୍ରିକା ମାଧ୍ୟମରେ ଶ୍ରୀଅରବିନ୍ଦ ଯେଉଁ ପ୍ରବନ୍ଧମାନ ଲେଖୁଥିଲେ ସେହି ପ୍ରବନ୍ଧଗୁଡ଼ିକ ତଥାକଥିତ ଯୁବ ସମ୍ପ୍ରଦାୟଙ୍କୁ ବହୁଳ ଭାବେ ପ୍ରଭାବିତ କରିଥିଲା, ଯାହା ଫଳରେ ସେମାନେ ସଚେତନ ହୋଇ ତଥାକଥିତ ଇଂରେଜ ଶାସକଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ବର୍ତ୍ତମାନ ସାମ୍ବାଦିକମାନେ ଏହିଭଳି ଲେଖା ପତ୍ର ପତ୍ରିକା ମାଧ୍ୟମରେ ପ୍ରକାଶ କରନ୍ତୁ, ଯାହାଦ୍ୱାରା ସାମ୍ପ୍ରତିକ ଯୁବ ସମାଜ ଦୁର୍ନୀତୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ। ଛାତ୍ରୀଛାତ୍ରମାନେ ସବୁବେଳେ ପତ୍ରପତ୍ରିକା ପଢ଼ନ୍ତୁ, ଯାହାଦ୍ୱାରା ସେମାନଙ୍କର ସାଧାରଣ ଜ୍ଞାନ ବୃଦ୍ଧି ପାଇବ। ଏହାଦ୍ୱାରା ସେମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ ବୋଲି ମହାପାତ୍ର କହିଥିଲେ। ବ୍ରହ୍ମପୁରସ୍ଥିତ ଏସ୍‌ଏମ୍‌ଆଇଟି ଶିକ୍ଷାନୁଷ୍ଠାନ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପିଜି ସେକ୍ସନର ଅଧ୍ୟକ୍ଷ ଡ଼.ହରିଷ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁରୁଣା ଖବରକାଗଜଗୁଡ଼ିକର ଲେଖା ତତ୍କାଳୀନ ଯୁବ ସମାଜ ପାଇଁ କିଭଳି ପ୍ରେରଣାର ଉତ୍ସ ଥିଲା ସେ ଉପରେ ମତ ରଖିଥିଲେ। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗଣମାଧ୍ୟମ ଅନେକ ବଡ଼ବଡ଼ ଦୁର୍ନୀତୀକୁ ଲୋକଲୋଚନକୁ ଆଣି ବହୁ ପ୍ରତିଷ୍ଠିତ ରାଜନେତାମାନଙ୍କ ମୁଖା ଖୋଲିବା ସହ ସେମାନଙ୍କୁ କ୍ଷମତାରୁ ଗାଦିଚ୍ୟୁତ କରିଥିଲେ। ଗୋଟିଏ ନିର୍ବାଚିତ ସରକାର ସେତେଦିନ ପର୍ଯ୍ୟନ୍ତ କ୍ଷମତାରେ ରହିଥିବ ଯେତେଦିନ ପର୍ଯ୍ୟନ୍ତ ଗଣମାଧ୍ୟମ ରାଜନେତାମାନଙ୍କ ଦୁର୍ନୀତୀର ମୁଖା ଖୋଲିନାହିଁ। ତେଣୁ ଗଣମାଧ୍ୟମର ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଅନୁମେୟ ବୋଲି ଅନ୍ୟବକ୍ତାମାନେ କହିଥିଲେ। ନନ୍ଦିନୀ ଶତପଥୀ ସ୍ମୃତି ସଂସଦର ସଭାପତି ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ବୈଠକରେ ଅଧ୍ୟକ୍ଷତା କରି ନନ୍ଦିନୀ ଦେବୀଙ୍କ ଶାସନ ସମୟରେ ଭୂସଂସ୍କାର ଆଇନ, ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ପ୍ରତ୍ୟକ୍ଷ ଦରମା ପ୍ରଦାନ ସମ୍ପର୍କରେ କହିଥିଲେ। ସାବିତ୍ରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ଜୟରାମ ସେନାପତି, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସାତ୍ୟକୀ ସାହୁ, ଭଞ୍ଜନଗର ବ୍ଲକ ଏମପି ପ୍ରତିନିଧି ପଞ୍ଚାନନ ପାଳ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଡ଼. ହରିଷ ବେହେରା, ଡ଼.ଜୟରାମ ସେନାପତି ଏବଂ ସାତ୍ୟକୀ ସାହୁ ଥିଲେ। ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ପୂଜା ପାତ୍ର ପ୍ରଥମ, ଶିବାନୀ ନାୟକ ଦ୍ୱିତୀୟ ଓ ସଂଘମିତ୍ରା ନାୟକ ଏବଂ ଶୁଭମ ସୁଭଦ୍ରା ପ୍ରଧାନ ଯୁଗ୍ମ ତୃତୀୟ ହୋଇଥିଲେ। ଧରିତ୍ରୀ ଭଞ୍ଜନଗର ଉପଖଣ୍ଡ ପ୍ରତିନିଧି ତଥା ନନ୍ଦିନୀ ଶତପଥୀ ସ୍ମୃତି ସଂସଦର ସମ୍ପାଦକ ବାବୁଲା ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ବିଜେତାଙ୍କ ମୁଖରୁ



■ ବିଶ୍ୱ ଗଣମାଧ୍ୟମ ସ୍ୱାଧିନତାରେ ଭାରତର ସ୍ଥାନ ବହୁ ତଳେ ଅଛି, ଯାହାକି ଚିନ୍ତାଜନକ ବିଷୟ। ଏହାକୁ ଧ୍ୟାନରେ ର଼ଖି ଯୁବପିଢ଼ି ଆଗକୁ ବଢ଼ିବା ଉଚିତ।

**– ପୂଜା ପାତ୍ର, ପ୍ରଥମ**



■ ଧରିତ୍ରୀ ପକ୍ଷରୁ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଆଣିବା ପାଇଁ ଯେଉଁ ପ୍ରତିଯୋଗିତା ଆୟୋଜନ କରାଯାଉଛି ତାହା ସ୍ୱାଗତ ଯୋଗ୍ୟ। ଏହାଦ୍ୱାରା ଧରିତ୍ରୀ ଏବଂ ଗଣମାଧ୍ୟମ ସମ୍ପର୍କରେ ଅନେକ ବିଷୟ ଜାଣିବାରେ ସୁଯୋଗ ମିଳିଲା। ଏହିଭଳି କାର୍ଯ୍ୟକ୍ରମ ଧରିତ୍ରୀ ପକ୍ଷରୁ ଆଗକୁ ଆହୁରି କରାଗଲେ ଭଲହେବ।

**– ଶିବାନୀ ନାୟକ, ଦ୍ୱିତୀୟ**



■ ଗଣମାଧ୍ୟମ ନଥିଲେ ଆଜି ଅନେକ ବିଷୟ ଆମ ପାଇଁ ଅଜଣା ହୋଇ ରହିଯାଇଥାନ୍ତା। ଗଣମାଧ୍ୟମର ଦ୍ରୁତ ବିକାଶ ଦ୍ୱାରା ସାଧାରଣ ଜନତା ଅନେକ ଘଟଣାକୁ କିଛି ସେକେଣ୍ଡ ମାଧ୍ୟମରେ ଜାଣିବାର ସୁଯୋଗ ପାଉଛନ୍ତି। ଏହାଦ୍ୱାରା ସାଧାରଣ ଜନତା ସଚେତନ ହୋଇପାରୁଛନ୍ତି।

**– ସଂଘମିତ୍ରା ନାୟକ, ଯୁଗ୍ମ ତୃତୀୟ**



■ ଗଣତନ୍ତ୍ରର ଜାଗ୍ରତ ପ୍ରହରି ଭାବେ ଗଣମାଧ୍ୟମ କାର୍ଯ୍ୟକରୁଛି। ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ। ଯୁବପିଢ଼ି କାହାଦ୍ୱାରା ପ୍ରଭାବିତ ନହୋଇ ନିଜ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇଲେ ଦେଶ ଆହୁରି ଆଗକୁ ବଢ଼ିବ।

**– ଶୁଭମ ସୁଭଦ୍ରା ପ୍ରଧାନ, ଯୁଗ୍ମ ତୃତୀୟ**

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୪।୮ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଏନଏସି ସମ୍ମିଳନୀ କକ୍ଷରେ ଶୁକ୍ରବାର ସ୍ୱାଧୀନତା ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀଙ୍କ ସଂଯୋଜନା ଏବଂ ନଗରପାଳ ପ୍ରଫୁଲ୍ଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନଏସି ଉପାଧ୍ୟକ୍ଷା କାପୁଲୁ ପୂଜା ଓ କାଉନସିଲରବୃନ୍ଦ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ଜାତୀୟ ପତାକା ଉତ୍ତୋଳନ, ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବଣ୍ଟନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ହରିକୃଷ୍ଣ ପଣ୍ଡା, ବରିଷ୍ଠ ନାଗରିକ ଏ.କେଶବ ରାଓ, ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଜନାର୍ଦ୍ଦନ ପଣ୍ଡା, ଶୁକ୍ରୁ ସେଠୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।

## 'ମୋ ସ୍କୁଲ ଶ୍ରେଷ୍ଠ ସ୍କୁଲ' କାର୍ଯ୍ୟକ୍ରମ

ଦିଗପହଣ୍ଡି,୪।୮ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡିସ୍ଥିତ ଚାଚା ନେହେରୁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର 'ମୋ ସ୍କୁଲ ଶ୍ରେଷ୍ଠ ସ୍କୁଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶିବାନୀ ଦେବୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ରବା ପାଇକ, ନଗର ସିଆରସିସି ଅନିଲ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଏବଂ ୬ ରୁ ୧୪ ବର୍ଷ ସମସ୍ତ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟ ଆଗମନ ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ନିବେଦିତା ଦେବୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଓ ସଦସ୍ୟା ସଦସ୍ୟ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ।

ବାଲିଗୁଡା,୪।୮ (ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡାରେ ଉପଖଣ୍ଡସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ମଧୁମିତାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଭାତ ଫେରି, ରାମ ଧୂନ ଗାନ ସମଗ୍ର ବାଲିଗୁଡା ସହରରେ ପରିକ୍ରମା କରାଯିବ। ଏହି ଜାତୀୟ ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ହେବ। ସକାଳ ୯ ଟା ୧୫ମି ସମୟରେ ବାଲିଗୁଡା ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଖେଳ ପଡିଆଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହେବ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ସୂଚନା ଦେଇଛନ୍ତି। ଅଗଷ୍ଟ ୧୪ରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି। ୧୫ ତାରିଖ ଅପରାହ୍ନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଯସ ପ୍ରତାପ ଶ୍ରୀମଲ, ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନର ମୁଖ୍ୟ ବରିଷ୍ଠ ନାଗରିକଗଣ, ସମସ୍ତ ଗଣମାଧ୍ୟମ ପ୍ରତିନିଧି, ସଂପୃକ୍ତ ବିଭାଗୀୟ ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଦିନ ହେଲା ଅନ୍ଧାରରେ ପ୍ରେମଖୋରୀ

ଖଜୁରୀପଡ଼ା,୪।୮ (ବିଦୁର ବେହେରା): ଲଗାଣ ବର୍ଷାରେ ଘର ଦୁଆରେ ପାଣି ପଶିବା ସହିତ ବିଦ୍ୟୁତ ଖୁଣ୍ଟ ସବୁ ଉପୁଡ଼ି ପଡିଛି। ଫଳରେ ୪ ଦିନ ବିତି ଯାଇଥିଲେ ସୁଦ୍ଧା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଅନ୍ଧକାର ଘେରରେ ଜୀବନ କାଟୁଛନ୍ତି ଗ୍ରାମବାସୀ। ବର୍ଷା ଦିନରେ ସାପ, ବେଙ୍ଗ, ସରୀସୃପ ଭୟ ଲାଗି ରହିଥିବା ବେଳେ ଗ୍ରାମବାସୀଙ୍କ ଡିବିରି ଆଲୁଅ ଭରସା ସାଜିଛି। ୨୪ ଘଣ୍ଟିଆ ଲଗାତାର ବର୍ଷାରେ ମଙ୍ଗଳବାର ରାତିରୁ ବିଦ୍ୟୁତ କଟିଯାଇଛି। ଭୀଷଣ ବର୍ଷା ଯୋଗୁଁ ବିଦ୍ୟୁତ ଖୁଣ୍ଟ ଉପୁଡ଼ିପଡ଼ିଛି। ତାହା ୪ ଦିନ ବିତି ଯାଇଥିଲେ ସୁଦ୍ଧା ମରାମତି କରାଯାଇ ନାହିଁ। ଫଳରେ ପ୍ରେମଖୋରୀ ଗ୍ରାମର ଲୋକମାନେ ଅନ୍ଧାରରେ ଜୀବନ କାଟୁଛନ୍ତି। ଏହି ସମସ୍ୟା ଦେଖିଲେ ବିଦ୍ୟୁତ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ତେଣୁ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ହୋଇପଡିଛି।

# ଦିବ୍ୟାଙ୍ଗ ସ୍ୱାମୀଙ୍କୁ ଧରି ଭଙ୍ଗା କୁଡ଼ିଆରେ ବିତୁଛି ଦିନ



ଚାଳ ଛପର ଘରେ ନର୍ମଦା ।

ବୁଗୁଡା,୪।୮ (କାଳି ଚରଣ ଦାଶ): ଦୀର୍ଘ ବର୍ଷଧରି ଚାଳଛପର ଭଙ୍ଗା କୁଡିଆରେ ଦିବ୍ୟାଙ୍ଗ ସ୍ୱାମୀଙ୍କୁ ଧରି ଦିନ ବିତୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବୁଗୁଡା ବ୍ଲକ ଅନ୍ତର୍ଗତ କରଚୁଲି ଗାଁରେ। ଗରିବ ନର୍ମଦା ବେହେରାଙ୍କ ପୁଅ ଝିଅ ନଥିବା ବେଳେ ନିଜର ଦିବ୍ୟାଙ୍ଗ ସ୍ୱାମୀଙ୍କୁ ଧରି ସେ ଚାଳ ଛପର ଭଙ୍ଗା କୁଡିଆରେ ଦିନ କାଟି ଆସୁଛନ୍ତି। ହେଲେ ତାଙ୍କ ସ୍ୱାମୀ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ କୌଣସି ଭତ୍ତା ମିଳୁନଥିବା କହିଛନ୍ତି ନର୍ମଦା। ଏପରିକି ମୁଣ୍ଡ ଗୁଞ୍ଜିବାକୁ ମଧ୍ୟ ଘର ଖଣ୍ଡିଏ ନାହିଁ। ଖରା, ବର୍ଷା ଶୀତ କାକର ସହି ତାଙ୍କ ପରିବାର ଅତି ଦୁଃଖ କଷ୍ଟରେ ଚଳୁଛନ୍ତି। ନର୍ମଦା ମୂଲ ଲାଗି ଯାହା ମଜୁରୀ ଆଣନ୍ତି ସେତିକିରେ ନିଜ ସ୍ୱାମୀଙ୍କୁ ଧରି ଚଳୁଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସେ ଆବାସ ଯୋଜନାରେ ଘରଟିଏ ପାଇଁ ଗୁହାରି କରି ଆସୁଥିଲେ ମଧ୍ୟ ତାହା ମିଳିପାରୁନାହିଁ। ତେଣୁ ନର୍ମଦାଙ୍କ ପାଇଁ ସରକାରଙ୍କ ସମସ୍ତ ଯୋଜନା ସାତ ସପନ ପାଲଟିଛି। ଆବାସ ଖଣ୍ଡେ ପାଇବାର ଆଶା ନେଇ କୋହଭରା କଣ୍ଠରେ ନିଜର ଦୁଃଖକୁ ପରିପ୍ରକାଶ କରିଛନ୍ତି ନର୍ମଦା। ଏ ନେଇ କରଚୁଲୀ ପଞ୍ଚାୟତ ସରପଞ୍ଚ ପାର୍ବତୀ ନାୟକଙ୍କୁ ପଚାରିବାରେ ତାଙ୍କ ପାଖରେ ସେମିତି କୌଣସି ଅଭିଯୋଗ ନାହିଁ। ଅଭିଯୋଗ ପାଇବା ପରେ ବିଚାର କରାଯିବ ବୋଲି ସେ କହିଥିଲେ।

## ଜୀବେଦୟା ଚାରିଟେବୁଲ ଟ୍ରଷ୍ଟ ଉଦ୍‌ଘାଟିତ

ପୋଲସରା,୪।୮ (ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ସହରସ୍ଥିତ ବେଲଗାଁ ଛକ ନିକଟରେ ଥିବା ଜୀବେଦୟା ଚାରିଟେବୁଲ ଟ୍ରଷ୍ଟକୁ ଉଦଘାଟନ କରିଛନ୍ତି ପୋଲସରା ବିଧାୟକ। ଉଦଘାଟନ ସମୟରେ ବିଧାୟକ ପ୍ରତିନିଧି ସୁକାନ୍ତ କୁମାର ଭୂୟାଁ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ନିକୁଞ୍ଜ ପ୍ରଧାନ, ସନ୍ତୋଷ ପାତ୍ର, ନିମିନା ସରପଞ୍ଚ ପ୍ରତିନିଧି ତାପସ କୁମାର ସାହୁ, ବେଲଗାଁ ସରପଞ୍ଚ ମନୋଜ କୁମାର ସାହୁ, କେନ୍ଦୁବାଡ଼ି ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଟ୍ରଷ୍ଟର ସଭାପତି ବିକ୍ରମ ପ୍ରଧାନ, ଉପସଭାପତି ସୁଶାନ୍ତ କୁମାର ମହାରଣା, ସମ୍ପାଦକ ମାମି ପ୍ରଧାନ, ସହ ସମ୍ପାଦକ ସୁଭ୍ରାମତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



ଶିବିରରେ ଉପସ୍ଥିତ ଅତିଥି ।

ଆର.ଉଦୟଗିରି,୪।୮ (ମନୋଜ କୁମାର ପାଢୀ): ଗଜପତି ଜିଲା ଆର.ଉଦୟଗିରି ବ୍ଲକ୍ ପଞ୍ଚାୟତ ସମିତି ସଦଭାବନା ସଭାଗୃହ ଠାରେ ମନରେଗା ଯୋଜନା ଏବଂ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ଯୋଜନା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିରାଜ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଡିଓ ଲବିମନ ଖସେଲ, ଜିଲା ସାମାଜିକ ସମୀକ୍ଷକ ବାବୁଲା ବିଷୋୟୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ଜିଲା ପରିଷଦ ସଭ୍ୟ ରାମଗିରି ଦଣ୍ଡପାଣି ବଡମୁଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଦ୍ଧାର୍ଥ ଶଙ୍କର ତ୍ରିପାଠି, ଜିପିଇଓ ଶଶାଙ୍କ ଶେଖର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଏପିଇଓ ଅକ୍ଷୟ କୁମାର ବିଷୋୟୀରତ୍ନ ଆର୍ଥିକ ୨୦୨୩-୨୦୨୪ ବର୍ଷର ମନରେଗା ଯୋଜନାରେ ବିଭିନ୍ନ ବିଭାଗରେ ହୋଇଥିବା କାର୍ଯ୍ୟର ବିବରଣୀ ପଠନ କରିଥିଲେ। ଏହି କାର୍ଯ୍ୟକ୍ରମର ସମସ୍ତ ପିଆରଆଇ ମେମ୍ବର କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ଭିଆରପି, ଗାଁ ସାଥି ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ନିର୍ବାହୀ ଅଧିକାରୀ



ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମୀକ୍ଷା।

ଗଞ୍ଜାମ,୪।୮ (ବିଦ୍ୟାଧର ସାହୁ) ଗଞ୍ଜାମ ସହରର ବିଭିନ୍ନ ୱାର୍ଡରେ ମୁକ୍ତା ଯୋଜନାରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର। ପୁଇଁତୋଳା ରୋଡ଼, ୱାର୍ଡ ନଂ ୬ ପାର୍କିଂ ସ୍ଥଳ, ୱାର୍ଡ ନଂ ୧ ଚୌଧୁରୀ ସାହି କଲ୍ୟାଣ ମଣ୍ଡପ, କଲ୍ୟାଣ ମଣ୍ଡପ ଠାରେ ନିର୍ମାଣ ହେବାକୁ ଥିବା ଶିଶୁ ଉଦ୍ୟାନ ଓ ପାର୍କିଂ ସ୍ଥଳୀ ଯାଇ ନିର୍ମାଣ କାର୍ଯ୍ୟ କିପରି ଚାଲିଛି ପଚାରି ବୁଝିଥିଲେ। ପରେ ବଡ଼ବଜାରରେ ରୋଡ଼ ପାର୍ଶ୍ୱରେ ଥିବା ଗୁପଚୁପ ଠେଲା ଗାଡିଗୁଡିକ ହଟାଇ ସେଠାରେ ପାର୍କିଂ ସ୍ଥଳୀ ନିର୍ମାଣ କରାଯିବା ଲାଗି ବଜାର ବଣିକ ସଂଘ ସଭାପତି ଶଙ୍କର ବାରିକି, ସମ୍ପାଦକ କାହ୍ନୁ ଚରଣ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବଡ ବଜାର ଠାରୁ ସାନ ବଜାର ପର୍ଯ୍ୟନ୍ତ ରାସ୍ତା କଡ଼ରେ କୌଣସି ଗୋଟିଏ ବି ଠେଲା ଗାଡିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଆଲୋଚନା ହୋଇଥିଲା। ବର୍ଷା ଦିନ ପୂର୍ବରୁ ସମସ୍ତ ୱାର୍ଡର ଡ୍ରେନେଜ ନିର୍ମାଣ ଓ ମରାମତି କାର୍ଯ୍ୟ ଶୀଘ୍ର ସାରିବାକୁ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାଙ୍କୁ ପରାମର୍ଶ ଦେଇଛନ୍ତି। ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଦେଖି କ୍ଷୋଭ ପ୍ରକାଶ କରିଛନ୍ତି। ଭେଣ୍ଡିଂ ଜୋନ ପାଇଥିବା କିଛି ବ୍ୟବସାୟୀ ଦୋକାନ ନ କରି ସହରକୁ ଆସୁଥିବା ଉଠା ପରିବା ବେପାରୀଙ୍କୁ ଦେଇଥିବା ଶୁଣି ବିରକ୍ତ ପ୍ରକାଶ କରିଥିଲେ। ଏଥିପାଇଁ ଉକ୍ତ ଦୋକାନୀମାନଙ୍କୁ ଖୁବଶୀଘ୍ର ନୋଟିସ କରାଯିବ, ଯଦି କୌଣସି ଦୋକାନୀ ଏଥିରେ ଖିଲାପ କରନ୍ତି ତାହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଙ୍ଗ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।

